**This Question Paper consists of 12 questions and 8 printed pages.**
ଏହି ପ୍ରଶ୍ନପତ୍ରରେ ମୋଟ **12** ଟି ପ୍ରଶ୍ନ ଅଛି ଏବଂ **8** ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ୍ ନଂ. | | | | | | | | | | | | |

**Code No. 69/S/A/OR**
କୋଡ୍ ନମ୍ବର

**Set / ସେଟ୍ - A**

# ODIA
# (ଓଡ଼ିଆ)
# (233)

**Day and Date of Examination**
(ପରୀକ୍ଷାର ଦିନାଙ୍କ ଓ ତାରିଖ) ______________________

**Signature of Invigilators**
(ନିରୀକ୍ଷକଙ୍କ ସ୍ୱାକ୍ଷର) **1.** ______________________

**2.** ______________________

**ସାଧାରଣ ନିର୍ଦ୍ଦେଶାବଳୀ :**

**1** ସମସ୍ତ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଉତ୍ତର ପୁସ୍ତିକାରେ ଦେବାକୁ ହେବ ।

**2** ପ୍ରଶ୍ନପତ୍ର ପଢ଼ିବା ପାଇଁ **15** ମିନିଟ୍ ସମୟ ଦିଆଯାଇଛି । **02.15** p.m. ରେ ପ୍ରଶ୍ନପତ୍ର ବଣ୍ଟନ କରାଯିବ । **02.15** p.m. ରୁ **02.30** p.m., ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏହି ସମୟ ମଧ୍ୟରେ ଉତ୍ତର ପୁସ୍ତିକାରେ ଉତ୍ତର ଲେଖିବେ ନାହିଁ ।

**3** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**4** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ ।

**5** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**6** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**7** ପ୍ରଶ୍ନପତ୍ରର କୋଡ୍ ନମ୍ବର **69/S/A/OR, ସେଟ୍ - A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



**Unnati Educations**
**9899436384, 9654279279**

# ODIA

## (ଓଡ଼ିଆ)

## (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

**1** ପ୍ରତ୍ୟେକ ପ୍ରଶ୍ନ ତଳେ ଥିବା ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । **1×20 =20**

(କ) 'ମାଡ଼ହାଣ୍ଡି କଥା'ର ସଂଗ୍ରାହକ କିଏ?

(i) ହରେକୃଷ୍ଣ ମହତାବ (ii) ଶ୍ୟାମ ସୁନ୍ଦର ମିଶ୍ର

(iii) ଗୋପାଳଚନ୍ଦ୍ର ପ୍ରହରାଜ (iv) ଚକ୍ରଧର ମହାପାତ୍ର

(ଖ) 'ଆଜି ପୂଜାଟାଏ ଆଛାକରି ନ ଦେଲେ ଇୟେ ଚେତିବେ ନାହିଁ' – ଏ କଥା କିଏ ବିଚାର କଲେ?

(i) ଦେବତା (ii) ଗଙ୍ଗାମାତା

(iii) ଚୋର (iv) ଚକୁଳିଆ ପଣ୍ଡା

(ଗ) କେଉଁ ଠାରେ ଭାଗବତ ପାଠ କରାଯାଏ?

(i) ଭାଗବତ ଟୁଙ୍ଗୀ (ii) ପାଠାଗାର

(iii) ଭାଗବତ ଘର (iv) ମନ୍ଦିର

(ଘ) ଜଗନ୍ନାଥ ଦାସ କେଉଁ ଯୁଗର କବି?

(i) ସାରଳା ଯୁଗ (ii) ପଞ୍ଚସଖା ଯୁଗ

(iii) ରୀତି ଯୁଗ (iv) ଆଧୁନିକ ଯୁଗ

(ଙ) କୃଷ୍ଣ ମାଟି ଖାଇଥିବା କଥା କିଏ କହିଥିଲେ?

(i) ଗୋପୀ (ii) ରୋହିଣୀ

(iii) ବଳରାମ (iv) କୃଷ୍ଣ



Unnati Educations
9899436384, 9654279279

(ଚ) 'ମୂର୍ଖ ପଣ୍ଡିତ ସମସ୍ୟା' ପ୍ରବନ୍ଧଟିରେ ପ୍ରାବନ୍ଧିକ କେଉଁ ବିଷୟକୁ ଗୁରୁତ୍ୱ ଦେଇଛନ୍ତି?

(i) ସାଧାରଣ ଜ୍ଞାନ (ii) ସାହିତ୍ୟ ଜ୍ଞାନ

(iii) ବୋଧ ଜ୍ଞାନ (iv) ଜ୍ଞାନହୀନତା

(ଛ) ହରେକୃଷ୍ଣ ମହତାବ କେବେ ଜନ୍ମ ଗ୍ରହଣ କରିଥିଲେ?

(i) 1893 (ii) 1896

(iii) 1899 (iv) 1897

(ଜ) 'ଆମଘରର ହାଲଚାଲ' ର ଲେଖକ କିଏ?

(i) ଗୋଲୋକ ବିହାରୀଧଳ (ii) ଗୋପାଳଚନ୍ଦ୍ର ପ୍ରହରାଜ

(iii) ଚିତ୍ତରଂଜନ ଦାସ (iv) ଶଶିଭୂଷଣ ରଥ

(ଝ) କେଉଁ ବିଷୟରେ 'ଆମଘରର ହାଲଚାଲ' ଉଲ୍ଲେଖ ନାହିଁ?

(i) ଗୋଠ ଖଣ୍ଡିଆ (ii) ଏକ ଚଉକିଆ

(iii) ଏକ ଘରିଆ (iv) ଏକ ଜିଦିଆ

(ଞ) 'ଅନୁଶୀଳନ ଓ ବିଶ୍ଳେଷଣ' ସୂଚନା ଓ ପ୍ରଯୁକ୍ତି ବିଦ୍ୟାର କେତେ ନମ୍ବର ଧାରା?

(i) ୧ମ (ii) ୨ୟ

(iii) ୩ୟ (iv) କିଛି ନୁହେଁ

(ଟ) ସମଗ୍ର ଭାରତ ବର୍ଷରେ ଖଣିଜ ସଂପଦର କେତେ ଅଂଶ ଓଡ଼ିଶାରେ ପରିଦୃଷ୍ଟ ହୋଇଥାଏ?

(i) ଏକ ପଞ୍ଚମାଂଶ (ii) ଅର୍ଦ୍ଧାଧିକ

(iii) ଦୁଇ-ତୃତୀଆଂଶ (iv) ଏକ ଚତୁର୍ଥାଂଶ

(ଠ) ଗଙ୍ଗାଧର ମେହେର କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ?

(i) ନାଗପୁର (ii) ବରପାଲି

(iii) ଯାଜପୁର (iv) ରେଢ଼ାଖୋଲ

(ଡ) କେଉଁଟି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ ଏକ କାବ୍ୟ?

(i) ଲାବଣ୍ୟବତୀ (ii) ଚିଲିକା

(iii) ଉଷା (iv) ତପସ୍ୱିନୀ



Unnati Educations
9899436384, 9654279279

(ଢ) କେଉଁ ସହଚରୀ ଉତ୍କଳ ଲକ୍ଷ୍ମୀଙ୍କ ପାଇଁ ଅଳଙ୍କାର ସାଇତି ରଖିଛନ୍ତି?

(i) ଝରଣା (ii) ପ୍ରକୃତି

(iii) ବିଲ-ବଣ (iv) ଲତାମାନେ

(ଣ) କୁନ୍ତଳାକୁମାରୀ କାହାକୁ ବୁଢ଼ାପୁରୁଣା ବୋଲି ଆଖ୍ୟା ଦେଇଛନ୍ତି?

(i) ଇସଲାମ୍ ଧର୍ମକୁ (ii) ଖ୍ରୀଷ୍ଟ ଧର୍ମକୁ

(iii) ହିନ୍ଦୁ ଧର୍ମକୁ (iv) ବୌଧ ଧର୍ମକୁ

(ତ) କେଉଁ କବି ଭାବରେ ଉପେନ୍ଦ୍ର ଭଂଜ ପରିଚିତ?

(i) କବି ସମ୍ରାଟ (ii) ବ୍ୟାସ କବି

(iii) ଭକ୍ତ କବି (iv) କାନ୍ତ କବି

(ଥ) 'ସରୋବର ବର୍ଣ୍ଣନା' କବିତାଟି କେଉଁ କାବ୍ୟର ଏକ ଅଂଶ?

(i) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (ii) ଲାବଣ୍ୟବତୀ

(iii) ବୈଦେହୀଶ ବିଳାସ (iv) ରସିକ ହାରାବଳୀ

(ଦ) 'ନର୍ତ୍ତକୀ ଠାବରୁ ଉର୍ଭରୀ ଶିକ୍ଷା ପରା ଏହାରି' - ଏହାର ଅର୍ଥ କ'ଣ?

(i) ପୁଷ୍କରିଣୀ ନର୍ତ୍ତକୀଠାରୁ ଶିକ୍ଷା କରିଛି

(ii) ନର୍ତ୍ତକୀ ଓ ଉର୍ଭରୀ ପୁଷ୍କରିଣୀରେ ଘୁରି ବୁଲୁଛନ୍ତି

(iii) ନର୍ତ୍ତକୀଠାରୁ ପୁଷ୍କରିଣୀ ଶିକ୍ଷା କରିବା

(iv) ପୁଷ୍କରିଣୀ ଜଳ ଉର୍ଭରୀ ନର୍ତ୍ତକୀ ପରି ଘୁରି ପଡୁଛି

(ଧ) 'ପିତା ଓ ପୁତ୍ର' ଗଳ୍ପ ବିଷୟର ଆଧାର କ'ଣ?

(i) ପୁରାଣ (ii) ଲୋକ କାହାଣୀ

(iii) ଇତିହାସ (iv) ଧର୍ମ

(ନ) ବିମ୍ବିସାର କିଏ?

(i) ଅଜାତଶତ୍ରୁଙ୍କ ପିତା (ii) ଅଜାତଶତ୍ରୁଙ୍କ ଭାଇ

(iii) ଜଣେ ସାଧୁ (iv) ଜଣେ ରାଜନୀତିଜ୍ଞ



Unnati Educations
9899436384, 9654279279

2 ସମସ୍ତ ପ୍ରଶ୍ନର ଯଥାର୍ଥ ଉତ୍ତର ଦିଅ । 1×5=5

(କ) ବୁଢ଼ୀ କେତେ ସେରିଆ ଗଉଣୀଟି ମାଗି ଆଣିଥିଲା?

(ଖ) ଭାଗବତ କେଉଁ ବୃତ୍ତରେ ରଚିତ?

(ଗ) ସ୍ୱଭାବ କବି କିଏ?

(ଘ) ଅଦ୍ୱୈତବାଦ ଦର୍ଶନର ପବର୍ତ୍ତକ କିଏ?

(ଙ) ପିତା ଓ ପୁତ୍ର ଗଳ୍ପର ଗାଳ୍ପିକ କିଏ?

3 ଶୂନ୍ୟସ୍ଥାନ ପୂରଣ କର । 1×5=5

(କ) ମାଆ ପୁଅ ଦିହେଁ ଟେକାଟେକି କରି __________ କୁ ଘର ଭିତରକୁ ଆଣିଲେ ।

(ଖ) ଦୁଇନାଆରେ ଗୋଡ଼ଦେବା ହେଉଛି __________ ରୀତି ।

(ଗ) ଆସ ଆମେ ଆଗେଇ ଚାଲିବା __________ ବିଦ୍ୟାର ଶେଷଦୀନ ପଥରେ ।

(ଘ) କୁମୁଦରେ ଯେଣୁ __________ ତେଣୁ ହରି ପ୍ରକାରେ ।

(ଙ) ହାୟ ପୁତ୍ର __________ ବୋଲି ଆର୍ତ୍ତ ଚିତ୍କାର ଶୁଭୁଥିଲା ।

4 ଠିକ୍ ବାକ୍ୟ ପାଖରେ ☑ ଚିହ୍ନ ଓ ଭୁଲ୍ ପାଖରେ ☒ ଚିହ୍ନ ଦିଅ । 1×5=5

(କ) 'ମାଡ଼ହାଣ୍ଡି କଥା' ଏକ ସଂଗୃହୀତ ଲୋକକହାଣୀ ।

(ଖ) 'ମୂର୍ଖ ପଣ୍ଡିତ ସମସ୍ୟା' ଗୋଟିଏ କାବ୍ୟ ।

(ଗ) ନୂଆ ଦୁବଘାସ କହିଲେ ନବ ଦୁର୍ବାଦଳକୁ କୁହାଯାଏ ।

(ଘ) ବିମ୍ବିସାର ଅଜାତଶତ୍ରୁଙ୍କୁ ବନ୍ଦୀ କରିଥିଲେ ।

(ଙ) ପଞ୍ଜାବର ରାଜା ହେଉଛନ୍ତି ବିମ୍ବିସାର ।



Unnati Educations
9899436384, 9654279279

5 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳନ କର । 1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଗୋଠଖଣ୍ଡିଆ | (i) ପିତା ଓ ପୁତ୍ର |
| (ଖ) ଚକୁଳିଆ ପଣ୍ଡା | (ii) ସରୋବର ବର୍ଣ୍ଣନା |
| (ଗ) ତୁଙ୍ଗଶୈଳି | (iii) ଗୋପାଳ ପ୍ରହରାଜ |
| (ଘ) ଅଜାତଶତ୍ରୁ | (iv) ଉତ୍କଳ ଲକ୍ଷ୍ମୀ |
| (ଙ) ଦୀପଦଣ୍ଡୀ | (v) ମାଢ଼ହାଣ୍ଡି କଥା |

6 ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ଦିଅ । 1×5=5

(କ) ଭାଗବତ କିଏ ରଚନା କରିଥିଲେ?

(ଖ) 'ବସୁଧା' ଗୋଟିଏ ପ୍ରତିଶବ୍ଦ ଲେଖ ।

(ଗ) ଗଙ୍ଗା-ଯମୁନା-ସରସ୍ୱତୀର ମିଳନ ସ୍ଥଳର ନାମ କ'ଣ?

(ଘ) ହୃତପିଣ୍ଡ ଭିତରର ସୂକ୍ଷ୍ମାତିସୂକ୍ଷ୍ମ ଚିତ୍ରକୁ କ'ଣ କହନ୍ତି?

(ଙ) 'ଚାମର ଢାଳନ୍ତି'ର ଅର୍ଥ ଲେଖ ।

7 ଗୋଟିଏ ଶବ୍ଦରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 1×5=5

(କ) ଯିଏ ଚାରିଆଡ଼େ ବିନା କାମରେ ବୁଲୁଥାଏ, ତାକୁ କ'ଣ କୁହାଯାଏ?

(ଖ) ଦଶଦିଗରେ ଅଧିଷ୍ଠିତ ଦେବତାକୁ କ'ଣ କୁହାଯାଏ?

(ଗ) ସମ୍ବଲପୁର ନିକଟସ୍ଥ ମହାନଦୀର ଗଣ୍ଡସ୍ଥଳୀର ନାମ କ'ଣ?

(ଘ) ଲାଉ ତୁମ୍ବାରେ ନିର୍ମିତ ବାଦ୍ୟକୁ କ'ଣ କୁହାଯାଏ?

(ଙ) ରାଜତନ୍ତ୍ରରେ ମୁଖ୍ୟ ଶାସକ କିଏ?



Unnati Educations
9899436384, 9654279279

8 ଯେକୌଣସି ଦଶଟି ପ୍ରଶ୍ନର ଉତ୍ତର ୨୫ ଶବ୍ଦରେ ଲେଖ । **2×10=20**

(କ) ଗୋଲକ ବିହାରୀ ଧଳଙ୍କ ଦୁଇଟି ଭ୍ରମଣ ସାହିତ୍ୟର ନାମ ଲେଖ ।

(ଖ) ସଚ୍ଚିଦାନନ୍ଦ ରାଉତରାୟଙ୍କ ଦୁଇଟି କୃତିର ନାମ ଲେଖ ।

(ଗ) ଭାବ ସଂପ୍ରସାରଣ କହିଲେ କ'ଣ ବୁଝ?

(ଘ) 'ଚିଠି'ର ଦୁଇଟି ପ୍ରତିଶବ୍ଦ ଲେଖ ।

(ଙ) ଚିଠି ଲେଖାରୁ ଲେଖକର କେଉଁ ଦିଗ ଜଣାପଡ଼େ ।

(ଚ) ଭାବ ସଂକ୍ଷେପଣ କାହାକୁ କୁହାଯାଏ?

(ଛ) ଅନୁବାଦ କାହାକୁ କୁହାଯାଏ?

(ଜ) ଦୁଇଟି ଆବେଦନ ପତ୍ରର ଉଦାହରଣ ଦିଅ ।

(ଝ) ମସୁରୀ ସହରର ଦୁଇଟି ବୈଶିଷ୍ଟ୍ୟ ଲେଖ ।

(ଞ) 'ଛୋଟ ମୋର ଗାଆଁଟି'ରେ କେଉଁ ଚରିତ୍ରମାନେ ଖଳ ପ୍ରକୃତିର ଥିଲେ?

(ଟ) ଅଳ୍ପବିଦ୍ୟା ଭୟଙ୍କରୀ - ଇଂରାଜୀରେ ଅନୁବାଦ କର ।

(ଠ) ସବୁ ଚକ୍‌ଚକିଆ ପଦାର୍ଥ ସୁନା ନୁହେ - ଇଂରାଜୀରେ ଅନୁବାଦ କର ।

9 ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ୪୫ଟି ଶବ୍ଦରେ ଲେଖ । **3×5=15**

(କ) ଚିଠି ଯିବାର ନିଶ୍ଚିତ ପ୍ରମାଣପତ୍ର ପାଇଁ କେଉଁ ସବୁ ବ୍ୟବସ୍ଥା ରହିଛି?

(ଖ) ଅନୁବାଦର ପ୍ରକାର ଭେଦ ଦର୍ଶାଅ ।

(ଗ) ପ୍ରବନ୍ଧ କାହାକୁ କୁହାଯାଏ, ଏହା କେତେ ପ୍ରକାରର ?

(ଘ) ଗାଆଁର କେଉଁ କେଉଁ ଦୃଶ୍ୟ ସଚ୍ଚିରାଉତରାୟଙ୍କୁ କବି ହେବାର ପ୍ରେରଣା ଯୋଗାଇଛି?

(ଙ) ମସୁରୀ ସହର ସଂପର୍କରେ ଲେଖକୀୟ ମତ ପ୍ରଦାନ କର ।

(ଚ) ତିନି ତୁଣ୍ଡରେ ଛେଳି କୁକୁର - ଭାବ ସଂପ୍ରସାରଣ କର ।

(ଛ) ଘର ଭିଙ୍କି କୁମ୍ଭୀର - ଭାବ ସଂପ୍ରସାରଣ କର ।



Unnati Educations
9899436384, 9654279279

10 ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 5

(କ) ସାହିତ୍ୟ ଓ ସମାଜ

(ଖ) ଏକତା ହିଁ ବଳ

(ଗ) ପ୍ରିୟ ଲେଖକ

11 ତୁମ ଅଞ୍ଚଳର ଏକ ଦେବୀ ମନ୍ଦିରରୁ ବଳିପ୍ରଥା ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ସାମୂହିକ ଦରଖାସ୍ତ ଲେଖ । 5

**କିମ୍ବା**

ସମାଜରେ ଉତ୍ତମ ମଣିଷ ହେବା ପାଇଁ ନିଜର ସାନ ଭାଇକୁ ପରାମର୍ଶ ଦେଇ ଚିଠି ଲେଖ ।

12 ଭାବ ସଂକ୍ଷେପଣର ଉପଯୋଗିତା ବିଷୟରେ ଆଲୋଚନା କର । 5

**କିମ୍ବା**

ରେଳଯାତ୍ରା ପାଇଁ ସ୍ଥାନ ସଂରକ୍ଷଣ ନିମନ୍ତେ ଆବେଦନ ପତ୍ର ପ୍ରସ୍ତୁତ କର ।

---



Unnati Educations
9899436384, 9654279279